ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 899/20-12-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୨୦ ଡିସେମ୍ବର,୨୦୨୦**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଅନ୍ତର୍ଜାତୀୟ ମାନବ ଏକତା ଦିବସ ଅବସରରେ କହିଛନ୍ତି ଯେ ଲୋକମାନଙ୍କ ସାମାଜିକ-ଅର୍ଥନୈତିକ ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ଦାରିଦ୍ର୍ୟ ଏବଂ ସାମାଜିକ କୁପ୍ରଥାର ବିଲୋପ ଆବଶ୍ୟକ । ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ପାଇଁ ସମ୍ମାନ, ସୁରକ୍ଷା ଓ ମର୍ଯ୍ୟାଦାକୁ ସୁନିଶ୍ଚିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଭାରତୀୟ ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ ବାଲେଶ୍ୱରଠାରେ ଆଡ୍‌ଭାନ୍ସଡ୍ ଟୋଡ୍ ଆର୍ଟିଲାରି ଗନ୍ ସିଷ୍ଟମ୍ (ଏଟିଏଜିଏସ୍)ର ସଫଳ ପରୀକ୍ଷଣ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶ୍ୱ ବ୍ୟାଙ୍କର ସହଯୋଗରେ ଇନ୍‌ଭେଷ୍ଟ ଇଣ୍ଡିଆ ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରେ ୨୦ଟି ରାଜ୍ୟ ଆଇପିଏ ମଧ୍ୟରେ ଓଡ଼ିଶାର ରାଜ୍ୟ ନିବେଶ ପ୍ରୋତ୍ସାହନ ଏବଂ ସୁବିଧା ସଂସ୍ଥା, ଇପିକଲ୍ 'ଶ୍ରେଷ୍ଠ ପ୍ରଦର୍ଶନକାରୀ' ଭାବେ ବିବେଚିତ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଗତ କିଛି ବର୍ଷ ମଧ୍ୟରେ ଇପିକଲ୍ 'ମୋ ସରକାର' ଏବଂ ୫-'ଟି' କାର୍ଯ୍ୟକ୍ରମ ଅଧୀନରେ ଆନୁଷ୍ଠାନିକ ଓ ବୈଷୟିକ ସଂସ୍କାର ଆଣି ଓଡ଼ିଶାରେ ବାଣିଜ୍ୟିକ ପରିବେଶକୁ ଅନୁକୂଳ ଓ ବାଧାରହିତ କରିବା ଦିଗରେ ବ୍ୟାପକ କାର୍ଯ୍ୟ କରିଛି । ରିପୋର୍ଟରେ ଏହି ଉଦ୍ୟମ ସଂପର୍କରେ ଉଲ୍ଲେଖ କରାଯାଇଛି ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ସୌନ୍ଦର୍ଯ୍ୟକରଣକୁ ପ୍ରାଥମିକତା ଦେଇ ସେଗୁଡ଼ିକୁ ଜୀବନ୍ତ ଓ ମନୋହର କରୁଛନ୍ତି । ଏହି ଉଦ୍ୟମର ଅଂଶବିଶେଷ ଭାବେ ମାଲକାନଗିରି ଜିଲ୍ଲାର ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ରକୁ ରେଳ ବଗି ଭାବେ ଚିତ୍ରିତ କରାଯାଇଛି ବୋଲି ସେ କହିଛନ୍ତି ।

➢ ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଡିସେମ୍ବର ୧୯ ରୁ ୨୦ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ୧୭ ଜଣ ବ୍ୟକ୍ତିଙ୍କୁ ଗିରଫ, ୫୧୦ ଟି ଗାଡ଼ି ଜବତ ଏବଂ ୧୭,୫୩,୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୬୬,୦୩,୬୧୩ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୨୬,୨୩୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୨୧,୩୦୯ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୮୩୬ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୩,୦୩୫ ରହିଛି ।
- ୩,୦୩୫ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**